## ବାଲି ବୋଝେଇ ଟ୍ରାକ୍ଟର ଜବତ

ବୈଶିଙ୍ଗା,(ରତନ ଦାଶ): ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ପୋଲିସ ନଡପୁର ଗ୍ରାମରେ ଚଢ଼ାଉ କରି ଚୋରା ବାଲି ବୋଝେଇ ଓଡି ୦୧ ଏଫ୍- ୩୭୦୩ ନମ୍ବର ବିଶିଷ୍ଟ ଏକ ଟ୍ରାକ୍ଟର ଜବତ କରିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା(ନଂ.୭୦/୨୪) ରୁଜୁ ହୋଇଛି। ଫେରାର ହୋଇଯାଇଥିବା ଡ୍ରାଇଭରଙ୍କୁ ଗିରଫ କରିବାକୁ ଉଦ୍ୟମ ଚାଲିଥିବା ଥାନାଧିକାରୀ ତପନ କୁମାର ପ୍ରଧାନ କହିଛନ୍ତି।

## କୋଷ୍ଠାରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ

ମୋରଡ଼ା,୨୬।୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକ ଅଧୀନ କୋଷ୍ଠାରେ ମା' ମାଟି ପାଇଁ ଦିନଟିଏ ଏବଂ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୋରଡ଼ା ମାଟିର ସ୍ୱାଭିମାନ ଏବଂ ହକ୍ କଥା ଉଠାଇଥିଲେ। ଏଥି ସହିତ ଆଗାମୀ ନିର୍ବାଚନରେ ଟଙ୍କାର ଲୋଭକୁ ଛାଡି ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ସେ ଅନୁରୋଧ କରିଥିଲେ। ସେହିପରି ମୋରଡ଼ା ନିର୍ବାଚନମଣ୍ଡଳୀର ପରିବର୍ତ୍ତନ ତାଙ୍କର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଟଙ୍କା ବଦଳରେ ଅଞ୍ଚଳର ଉନ୍ନତି ପାଇଁ ଉପଯୁକ୍ତ ନେତାଙ୍କୁ ଭୋଟ ଦିଅନ୍ତୁ ବୋଲି ଉପସ୍ଥିତ ଜନସାଧାରଣଙ୍କୁ ଦାସ ଅନୁରୋଧ କରଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୋଜ ଦାନ, ନାନୁ ଦାନ, ମୁନୀନ୍ଦ୍ର ଦାସ, ବବିନା ସାଥୁଆ, ପୀତାମ୍ବର ସି, କୁଞ୍ଜ ବିହାରୀ ଧଳ, ଅମୀର ଖାନ, ସିପୁ ମୁଦୁଲି, ଶ୍ରବଣ ମହାନ୍ତ, କାମିନୀକାନ୍ତ ସି, ମହେନ୍ଦ୍ର ଧଳଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

# ବେତନଟୀ, ରାଇରଙ୍ଗପୁର ଷ୍ଟେଶନ ପୁନର୍ବିକାଶର ଶିଳାନ୍ୟାସ

ବେତନଟୀ(ଧରଣୀଧର ମହାନ୍ତି)/ ରାଇରଙ୍ଗପୁର(ମାନସ ମହାନ୍ତି),୨୬।୨

ଭାରତ ସରକାରଙ୍କ ରେଳମନ୍ତ୍ରାଳୟ ଦ୍ୱାରା ଅମୃତ ଭାରତ ଷ୍ଟେଶନ ଯୋଜନାରେ ମୟୂରଭଞ୍ଜ ଜିଲା ବେତନଟୀ ରେଲୱେ ଷ୍ଟେଶନକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନଫରେନ୍ସ ମାଧ୍ୟମରେ ସୋମବାର ବେତନଟୀ ଷ୍ଟେଶନ ପୁନଃବିକାଶର ଶିଳାନ୍ୟାସ କରିଛନ୍ତି। ଷ୍ଟେଶନ ପରିସରରେ ଅନୁଷ୍ଠିତ ଶିଳାନ୍ୟାସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି, ସମ୍ମାନିତ ଅତିଥି ବାଲେଶ୍ୱର ଏମ୍‌ପିଙ୍କ ପ୍ରତିନିଧି ପ୍ରଦୀପ ପରିଡ଼ା, ଦକ୍ଷିଣପୂର୍ବ ରେଳପଥ ଖଡଗପୁର ଡିଭିଜନର ଡେପୁଟି ପ୍ରୋଜେକ୍ଟ ମ୍ୟାନେଜର ଏ.କେ ହରିତ, ଡିଏମ୍‌ଇ ସଚିନ କୁମାର, ୩୫ନଂ. ଜୋନ ଭାଜପା ମଣ୍ଡଳ ସଭାପତି ରାଜକିଶୋର ଶାହା ମଞ୍ଚାସୀନ ଥିଲେ। ବେତନଟୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଭାଜପା କର୍ମକର୍ତ୍ତା ଓ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

ସେହିପରି ରାଇରଙ୍ଗପୁର ଏବଂ ବାଦାମପାହାଡ଼ ରେଳ ଷ୍ଟେଶନ ଉନ୍ନତୀକରଣର ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକ ନବ ଚରଣ ମାଝି, ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି, ଭାଜପା ରାଜ୍ୟ ସମ୍ପାଦକ ନବୀନ ରାମ ଏବଂ ପୂର୍ବତନ ସାଂସଦ ରାମଚନ୍ଦ୍ର ହାଁସଦା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଦକ୍ଷିଣ ପୂର୍ବ ରେଳ ବିଭାଗ ଚକ୍ରଧରପୁର ଡିଭିଜନର ବିଭିନ୍ନ ପଦାଧିକାରୀଙ୍କ ସମେତ ବହୁ ସଂଖ୍ୟକ ଜନ ସାଧାରଣ ଏବଂ ଭାଜପା କର୍ମୀ ଉପସ୍ଥିତ ଥିଲେ।




ବେତନଟୀ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଯଶିପୁର ଓ ବହଳଦାକୁ ଏନ୍‌ଏସି ମାନ୍ୟତା ଦାବି

ବାରିପଦା,୨୬।୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାବାସୀଙ୍କୁ ମୌଳିକ ସୁବିଧା ସୁଯୋଗ ଯୋଗାଇବା ଉଦ୍ଦେଶ୍ୟରେ ଅଣରାଜନୈତିକ ସଙ୍ଗଠନ ଭଞ୍ଜସେନା ପକ୍ଷରୁ ଦାବି ଜୋର ଧରିଛି। ଉଦଳା ଏନ୍‌ଏସିକୁ ମ୍ୟୁନସିପାଲିଟି ଘୋଷଣା କରାଯିବା ସହ ଯଶିପୁର ଓ ବହଳଦାକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରିବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି। ଏନେଇ ସୋସିଆଲ ମିଡିଆ (ଏକ୍ସ) ଯୋଗେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ନିବେଦନ କରିଛନ୍ତି। ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲାର ଭୌଗଳିକ ଅବସ୍ଥିତି ଓ ୯ ଗୋଟି ବିଧାନସଭା କ୍ଷେତ୍ରର ସୀମା ନିର୍ଦ୍ଧାରଣରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏପରିକି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ,କୃଷି, ଜଳସେଚନ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଜିଲାରେ ଥିବା ୨୬ଟି ବ୍ଲକକୁ ବିଭାଜନ କରି ଅଧିକ ସଂଖ୍ୟକ ବ୍ଲକ ଗଠନ କରିବାକୁ ସେ ଦାବି କରିଛନ୍ତି । ନୂତନ ଭାବେ ବହଳଦା ଓ ଯଶିପୁର ଅଞ୍ଚଳକୁ ଏନ୍‌ଏସି ମାନ୍ୟତା ଏବଂ ଉଦଳା ଏନ୍‌ଏସିକୁ ମ୍ୟୁନସିପାଲିଟିରେ ପରିଣତ କରାଗଲେ ଅଞ୍ଚଳବାସୀଙ୍କ ସମସ୍ୟା ଦୂର ହୋଇପାରନ୍ତା ବୋଲି ଉଲ୍ଲେଖ କରିଛନ୍ତି। ଖୁବ୍‌ଶୀଘ୍ର ଏହି ଅଞ୍ଚଳଗୁଡ଼ିକ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଗଲେ ବହୁ ଆଦିବାସୀ ଲୋକ ଉପକୃତ ହେବା ସହ ସେମାନଙ୍କ ବିକାଶ ହୋଇପାରିବ ବୋଲି ଆଶା ବ୍ୟକ୍ତ କରିଛନ୍ତି ।

## ୮ ବଖରା ଜଳିଗଲା

ବେତନଟୀ,୨୬।୨(ଧରଣୀଧର ମହାନ୍ତି)

ବେତନଟୀ ଥାନା ଅଧୀନ ରେଣୁଗାଁ ଗ୍ରାମରେ ରବିବାର ରାତିରେ ନିଆଁଲାଗି ୮ବଖରା ପୋଡ଼ି ପାଉଁଶ ହୋଇଯାଇଛି। ଗ୍ରାମର କିଶୋର ମହାନ୍ତ ଓ ରତ୍ନମଣି ମହାନ୍ତଙ୍କ ଘରେ ଏହି ଅଗ୍ନିକାଣ୍ଡ ଘଟିଥିବା ବେଳେ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ମୂଲ୍ୟର ସମ୍ପତ୍ତି ପୋଡ଼ି ଯାଇଛି। ଖବରପାଇ ଜିଲା ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ,ବେତନଟୀ ସରପଞ୍ଚ ପାନମଣୀ ମୁର୍ମୁ, ସମିତି ସଭ୍ୟ ରଣଜିତ ସିଂ, ଯୁବ ସଂଗଠକ ପ୍ରିୟବ୍ରତ ପଟ୍ଟନାୟକ ପହଞ୍ଚି ପରିବାର ବର୍ଗଙ୍କୁ ସରକାରୀ ସହାୟତା ଦେବା ପାଇଁ ଦାବି କରିଛନ୍ତି।

# ଉଦଳାରେ ଜନ ଶୁଣାଣି ଶିବିର

ଉଦଳା,୨୬।୨ (ସନ୍ତୋଷ କୁମାର ବାଛିନୀ)

କପ୍ତିପଦା ଉପଖଣ୍ଡ ଉଦଳାସ୍ଥିତ ଉପ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ ଯୋଗଦେଇ ୧୧୯ ଅଭିଯୋଗର ଶୁଣାଣି କରିଥିଲେ। ଉପ ଜିଲାପାଳ ସୁଶାନ୍ତ କୁମାର ବାରିକ୍‌ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରୀ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସାର୍ଥକ ରାୟ, ଉପଖଣ୍ଡ ଚିକିତ୍ସାଳୟ ଅଧିକ୍ଷକ ଡ. ଲକ୍ଷ୍ମୀକାନ୍ତ ପତି ଯୋଗ ଦେବା ସହ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାଙ୍କ ସମେତ ଜିଲା, ଉପଖଣ୍ଡ ତଥା ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ସମସ୍ତ ଅଭିଯୋଗ ମଧ୍ୟରେ ୧୦୫ଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଥିବା ବେଳେ ୧୪ଟି ସାମୂହିକ ସମସ୍ୟା ଉପରେ ଆଧାରିତ ଥିଲା। ସମସ୍ୟାଗୁଡ଼ିକ ଉପରେ ବିଚାର କରି ତାର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ମୁଖ୍ୟ ଉନ୍ନୟନ ଅଧିକାରୀ ନିର୍ଦ୍ଦେଶ ଦେଇଥିବା ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ ପ୍ରକାଶ କରିଛନ୍ତି।

# ଖଇରବଣିରେ ହେବ ଅଣ୍ଡରପାସ୍ ନିର୍ମାଣ

ବାଙ୍ଗିରିପୋଷି,୨୬।୨ (ସଞ୍ଜୟ କୁମାର ଅଗ୍ରୱାଲା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଭର୍ଚୁଆଲ ମାଧ୍ୟମରେ ବିଭିନ୍ନ ରେଳଷ୍ଟେଶନ ପୁନଃବିକାଶ କାର୍ଯ୍ୟର ଶିଳାନ୍ୟାସ କରାଯାଇଥିବା ବେଳେ ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଅଧୀନ କୁମ୍ଭାରମୁଣ୍ଡାକଟା ପଞ୍ଚାୟତ ଦେଇ ଯାଇଥିବା ରେଳପଥର ଖଇରବଣି ଗ୍ରାମ ନିକଟରେ ଏକ ଅଣ୍ଡରପାସ ନିର୍ମାଣର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦକ୍ଷିଣ ପୂର୍ବ ରେଳ ଡିଭିଜନାଲ ଅରେସନାଲ ମ୍ୟାନେଜର ବିନୋଦ କୁମାର ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଜିଲା ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଅଗ୍ରୱାଲା, ମୁଖ୍ୟବକ୍ତା ଭାବେ ସାଂସଦ ପ୍ରତିନିଧି ପ୍ରଦୀପ ମହାନ୍ତି ଯୋଗ ଦେଇଥିଲେ । ରେଳ ବିଭାଗର ପ୍ରଫେସନାଲ ଇନିସ୍ପେକ୍ଟର ଧୀରେନ କୁମାର ନନ୍ଦ ମଞ୍ଚ ପରିଚାଳନା କରିବା ସହିତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରେଳ ବିଭାଗର ମେଡିକାଲ ମୁଖ୍ୟ ସୁପରଭାଇଜର ଆରଆର କର,ଖଡଗପୁର ରେଳବିଭାଗର ମୁଖ୍ୟ ସ୍ୱାସ୍ଥ୍ୟ ଇନିସ୍ପେକ୍ଟର ଅବିନାଶ କୁମାର ଶର୍ମା, ରେଳ ବିଭାଗର ଟିକେଟ ଇନିପେକ୍ଟର ଏସ୍‌କେ ପ୍ରଧାନ, ଜୁନିୟର ଇଞ୍ଜିନିୟର ରାଭି କୁମାର ଯୋଗଦେଇଥିଲେ। ସେହିପରି ବାଙ୍ଗିରିପୋଷିଠାରେ ମଧ୍ୟ ରାଜ୍ୟ ଆଦିବାସୀ ମୋର୍ଚ୍ଚା ଉପସଭାପତି ଫାଗୁ ହାଁସଦାଃ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୭ କୋଟି ଅଟକଳ ମୂଲ୍ୟର ଏକ ଗଳା ପୋଲ ଶିଳାନ୍ୟାସ କରିଥିଲେ। ଖଡଗପୁର ରେଳ ବିଭାଗର ସ୍ୱାସ୍ଥ୍ୟ ନିରୀକ୍ଷକ ଅବିନାଶ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।



ଅଣ୍ଡରପାସ୍ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।



## ପରୀକ୍ଷା କେନ୍ଦ୍ରରେ ଛାତ୍ରୀ ଅସୁସ୍ଥ

ହାଟଡ଼ିହୀ,(ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ହାଟଡ଼ିହୀ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ଦଶମ ଶ୍ରେଣୀ ଛାତ୍ରୀ ଅସୁସ୍ଥ ହୋଇ ପଡ଼ିଥିଲେ। ସେ ବଂଚୋ ବରାହୀ ହାଇସ୍କୁଲର ମନୀଷା ଜେନା। ପରୀକ୍ଷା କେନ୍ଦ୍ରର ସୁପେରିଣ୍ଟେଣ୍ଡେଣ୍ଟ ଶିଶିର କରଙ୍କ ସୂଚନା ଅନୁଯାୟୀ, ଛାତ୍ରୀ ଜଣକ ଗଣିତ ପରୀକ୍ଷା ଦେଉଥିବା ସମୟରେ ଶାରୀରିକ ଯନ୍ତ୍ରଣା ଅନୁଭବ କରିଥିଲେ। ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କ ବାପାଙ୍କ ସହ ମେଡିକାଲ ପଠାଯାଇଥିଲା। ଛାତ୍ରୀ ଜଣକ କେବଳ ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର ଲେଖିଛନ୍ତି।



**କେନ୍ଦୁଝର**

## ବିବାଦୀୟ ପାଟଣା ଥାନା ଏଏସ୍‌ଆଇଙ୍କ ବଦଳି

ପାଟଣା,୨୬।୨(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ଥାନାର କାର୍ଯ୍ୟରତ ଏଏସ୍‌ଆଇ ପଦ୍ମାବତୀ ବିଶ୍ୱାଳଙ୍କ ସୋମବାର କେନ୍ଦୁଝର ମୁଖ୍ୟାଳୟକୁ ବଦଳି ହୋଇଛି। ପଦ୍ମାବତୀ ବିଭିନ୍ନ ବିବାଦୀୟ ଘଟଣାରେ ଛନ୍ଦି ହୋଇ ପଡ଼ିଥିଲେ। ବିଶୃଙ୍ଖଳିତ ଆଚରଣ ପାଇଁ ତାଙ୍କୁ ଜିଲା ହେଡ୍‌କ୍ୱାଟର ପୋଲିସ କାର୍ଯ୍ୟାଳୟକୁ ବଦଳି କରିଦିଆଯାଇଥିବା ଘଟଗାଁ ଏସ୍‌ଡିପିଓ ସୁଦର୍ଶନ ଗଙ୍ଗୋଇ କହିଛନ୍ତି। ସୂଚନା ଅନୁଯାୟୀ, ପାଟଣା ଥାନ ଅଞ୍ଚଳର ଜଣେ ମହିଳା ଗତ ଶନିବାର ନିଜ ପରିବାର ସହ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ଯାଇଥିଲେ। ମହିଳା ହସ୍ପିଟାଲ ପରିସରରୁ ନିଖୋଜ ହୋଇଥିଲେ। ଏ ନେଇ ମହିଳାଙ୍କ ପରିବାର ପକ୍ଷରୁ ଭୁବନେଶ୍ୱର ଭରତପୁର ଥାନାରେ ଅଭିଯୋଗ କରିଥିଲେ। ନିଖୋଜ ଘଟଣାରେ ସମ୍ପୃକ୍ତ ଏସ୍‌ଆଇ ସମ୍ପୃକ୍ତି ଥିବା ଅଭିଯୋଗରେ ଦର୍ଶାଇଥିଲେ।

# ମା’ ତାରିଣୀଙ୍କ ହୁଣ୍ଡି ଚାବି ହଜେଇଦେଲେ

- ତାଲା କାଟି ଗଣତି ହୋଇଛି
- ସିସି ଟିଭି ଯାଞ୍ଚ କରିବାକୁ ଦାବି

ଘଟଗାଁ,୨୬।୨(ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁସ୍ଥିତ ମା’ ତାରିଣୀଙ୍କ ମନ୍ଦିରରେ ବଡ଼ଧରଣର ତ୍ରୁଟି ପରିଲକ୍ଷିତ ହୋଇଛି। ମନ୍ଦିର ବେଢ଼ାରେ ଥିବା ଏକ ଦାନବାକ୍ସର ଚାବି ନ ମିଳିବାରୁ ତାଲା କାଟି ଗଣତି କରାଯାଇଥିଲା। ଘଟଣାକୁ ୩ ଦିନ ବିତିଯାଇଥିବା ବେଳେ ଏବେ ଜଣାପଡ଼ିବା ପରେ ମନ୍ଦିର କର୍ମଚାରୀଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ବିଶେଷକରି ମନ୍ଦିର ପରିଚାଳନା ବୋର୍ଡ ନ ଥିବା ବେଳେ ଏହାର ପ୍ରତ୍ୟକ୍ଷ ଦାୟିତ୍ୱ ଦେବୋତ୍ତର ବିଭାଗ ନିର୍ବାହ କରୁଛି। ଏପରି ସମୟରେ ଚାବି ନ ମିଳିବା ଓ ତାଲା କାଟି ଗଣତି କରିବାକୁ କେହି ସହଜରେ ଗ୍ରହଣ କରିପାରୁନାହାନ୍ତି। ଖବର ଅନୁଯାୟୀ, ଗତ ୨୩ ତାରିଖରେ ମନ୍ଦିର ପରିସରରେ ଥିବା ୧୩ ଗୋଟି ହୁଣ୍ଡି ଖୋଲାଯାଇ ଗଣତି କରାଯାଇଥିଲା। ମାତ୍ର ମନ୍ଦିର ବେଢ଼ା ନିକଟରେ ପ୍ରସ୍ଥାନ ଦ୍ୱାର ନିକଟରେ ଥିବା ଷ୍ଟିଲ ହୁଣ୍ଡିର ଚାବି ମିଳି ନ ଥିଲା। ନିୟମ ଅନୁଯାୟୀ ମନ୍ଦିର ପରିଚାଳନା ବୋର୍ଡଥିବା ବେଳେ ଚାବି ତିନି ଜଣଙ୍କ ନିକଟରେ ରହିଥାଏ। ଗୋଟିଏ ଚାବି ବୋର୍ଡ ସଭାପତି, ଗୋଟିଏ ଦେବୋତ୍ତର ନିରୀକ୍ଷକ ଓ ଗୋଟିଏ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ରହିଥାଏ। ବୋର୍ଡ ନ ଥିବା ଯୋଗୁ ଏବେ ଦୁଇ ଜଣଙ୍କ ନିକଟରେ ଚାବି ରହୁଛି। ଯେଉଁ ହୁଣ୍ଡିରେ ଚାବି ଗାଏବ ହୋଇଛି, ସେହି ଚାବିକାଠିଟି କେବଳ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ରଙ୍କ ନିକଟରେ ଥିଲା। ହୁଣ୍ଡି ଖୋଲିବା ବେଳେ ଚାବିଟି ନ ମିଳିବାରୁ ଶେଷରେ ପହଡ଼ପରେ ତାଲା କଟାଯାଇ ଟଙ୍କା ବାହାର କରାଯାଇଥିଲା। ତେବେ ଘଟଣା ପଦାକୁ ଆସିବା ପରେ ଏବେ ନିର୍ବାହୀ ଅଧିକାରୀଙ୍କ ମୁଣ୍ଡବ୍ୟଥା ହୋଇଛି। ଏହି ଚାବିକୁ କେହି ଗାଏବ କରି ଏଥିରୁ ଟଙ୍କା ନେଇଯାଇଥିବା ପ୍ରଶ୍ନ ଉଙ୍କି ମାରୁଛି। ଘଟଣା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷ ଓ ପୋଲିସକୁ ନ ଜଣାଇ କାହିଁକି ତାଲା କଟାଗଲା, ତା ତଦନ୍ତସାପେକ୍ଷ। ମନ୍ଦିର ବେଢ଼ାରେ ଲାଗିଥିବା ସିସି ଟିଭି ଯାଞ୍ଚ କରିବାକୁ ସାମାଜିକ କର୍ମୀ ଜଗବନ୍ଧୁ ଶାହା, ନୃସିଂହ ଚରଣ ସାହୁ, ଶରତ କୁମାର ବେଜ୍, କେଦାରନାଥ ସାହୁ ପ୍ରମୁଖ ଦାବି କରିଛନ୍ତି। ମନ୍ଦିର ଦାୟିତ୍ୱରେ ଥିବା ସମ୍ବଲପୁରସ୍ଥିତ ଡିଭିଜନାଲ ଇନ୍ସପେକ୍ଟର ଦକ୍ଷିଣ କୁମାର ମାରାଣ୍ଡିଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇ ନ ଥିଲେ। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର ପ୍ରଥମେ ଏହାକୁ ଅସ୍ୱୀକାର କରିବା ସହ କିଏ କହିଲା ବୋଲି ପଚାରିଥିଲେ। ପରେ ଚାବିଟି ହଜିଯାଇଥିବାରୁ ତାଲାକାଟି ଟଙ୍କା ବାହାର କରିଥିବା କହିଥିଲେ। ଥାନା ଅଧିକାରୀ ରଞ୍ଜନ କୁମାର ପାତ୍ର କହିଛନ୍ତି, ଏ ସମ୍ପର୍କରେ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନାହିଁ। ସ୍ମରଣଯୋଗ୍ୟ, ଗତ ୨ ମାସ ତଳେ ମନ୍ଦିର ଟିକେଟ କାଉଣ୍ଟର ଭୋଗମାହାସୁଲ ହେରଫେର ଘଟଣାରେ ୨ ଜଣ କର୍ମଚାରୀ ବହିଷ୍କୃତ ହୋଇଥିଲେ।

## ଉତ୍ତର ଓଡ଼ିଶାର ମୁଖ୍ୟ ଷ୍ଟେସନ ହେବ କେନ୍ଦୁଝରଗଡ଼


ମଞ୍ଚାସୀନ ଅତିଥିମାନେ।

କେନ୍ଦୁଝର,୨୬।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଦେଶରେ ରେଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ରେଳ ଷ୍ଟେଶନଗୁଡ଼ିକୁ ବିଶ୍ୱସ୍ତରୀୟ ସେବା ଉପଲବ୍ଧ କରିବା ଦିଗରେ କେନ୍ଦ୍ର ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହି ଅବସରରେ ସୋମବାର ଅମୃତ ଭାରତ ଯୋଜନାରେ ଦେଶର ବିଭିନ୍ନ ରେଳ ଷ୍ଟେଶନ ସହ କେନ୍ଦୁଝରଗଡ଼ ଷ୍ଟେଶନର ପୁନର୍ବିକାଶ ପାଇଁ ଭିସି ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶିଳାନ୍ୟାସ କରିଛନ୍ତି। ସୂଚନା ଅନୁଯାୟୀ, ଅମୃତ ଷ୍ଟେଶନ ଯୋଜନା ଅନ୍ତର୍ଗତ ୫୫୪ ରେଳଷ୍ଟେଶନର ପୁନଃ ବିକାଶ, ୧୫୦୦ ରୋଡ ଓଭରବ୍ରିଜ ଓ ଅଣ୍ଡରପାସର ଶିଳାନ୍ୟାସ, ଉଦ୍‌ଘାଟନ ଓ ଉତ୍ସର୍ଗୀକରଣ ଅବସରରେ କେନ୍ଦୁଝରଗଡ଼ ଷ୍ଟେଶନର ୧୦ କୋଟି ଟଙ୍କା ବିନିମୟରେ ପୁନର୍ବିକାଶ ପାଇଁ ଶିଳାନ୍ୟାସ ହୋଇଥିଲା। କାର୍ଯ୍ୟକ୍ରମରେ ସଦର ବିଧାୟକ ମୋହନ ଚରଣ ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଗାମୀ ଦିନରେ କେନ୍ଦୁଝରଗଡ଼ ରେଳ ଷ୍ଟେଶନ ଉତ୍ତର ଓଡ଼ିଶାର ଏକ ମୁଖ୍ୟ ଷ୍ଟେଶନ ଭାବେ ପରିଗଣିତ ହେବ ବୋଲି ପ୍ରକାଶ କରିଥିଲେ। ଷ୍ଟେଶନର ବିକାଶ ସହ ବହୁ ଦିନର ଦିଲ୍ଲୀ ଟ୍ରେନ୍ ଦାବି କେନ୍ଦ୍ର ସରକାର ପୂରଣ କରିଥିବାରୁ ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ରେଙ୍ଗାଲି ବିଧାୟକ ନାଉରୀ ନାଏକ, କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ, ସିଏସ୍‌ଟିଇ ପୀତବାସ ପଣ୍ଡା, ଡିଏନ ନର୍ଥ ବିନିତ୍ ଯାଦବ, ଏଡିଇନ ବିଜୟ ବନାଙ୍କ ସହ ସମସ୍ତ ରେଳବାଇ ଅଧିକାରୀ ଓ ଭାଜପା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ପାଇପ୍ ଫାଟି ଦୋକାନ ଭିତରେ ପଶିଲା ପାଣି



ଯୋଡ଼ା,୨୬।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହର ମଧ୍ୟ ଦେଇ ଯାଉଥିବା ଏକ ଶିଳ୍ପ ସଂସ୍ଥାର ସ୍ଲରୀ ପାଇପ ଲାଇନ ଖୋଳାଯିବା ବେଳେ ସଂସ୍ପର୍ଶରେ ଆସି ପାନୀୟ ଜଳ ପାଇପ ଫାଟି ଯାଇଛି। ଫଳରେ ନିକଟରେ ଥିବା ପୋଷ୍ଟ ଅଫିସ ଓ କିଛି ଦୋକାନ ଗୃହ ମଧ୍ୟକୁ କାଦୁଅ ମିଶ୍ରିତ ଜଳ ପଶି ଯାଇଥିଲା। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଥିଲେ ମଧ୍ୟ ପୌର ପାଳିକା କର୍ଣ୍ଣପାତ କରୁ ନ ଥିବା ସ୍ଥାନୀୟ ବସ୍ତି ବାସିନ୍ଦା ଗଣେଶ ପାତ୍ର, ସନ୍ତୋଷ ପାତ୍ର କହିଛନ୍ତି। ଏ ସମ୍ପର୍କରେ ପାଇପ୍ ଲାଇନ ବିଛାଉଥିବା ଠିକା ସଂସ୍ଥାର ଅଧିକାରୀ ସୁରେଶ ବେହେରା କହିଛନ୍ତି, ଏହିପରି ଘଟଣା ବାରମ୍ବାର ଘଟୁଛି, ପାଇପ ଖୋଳିବା ବେଳେ ଟେକ୍ନିକାଲ ଅସାବଧାନତା ଯୋଗୁ ପାଇପ ଫାଟି ଯିବା ପରେ ଏହାକୁ ନିର୍ମାଣ କରାଯାଉଛି ସତ, ହେଲେ ପାନୀୟ ଜଳ ପାଇପରେ ଅଧିକ ପ୍ରେସର ଥିବାରୁ ଏହିପରି ପାଇପ ଫାଟୁଛି। ବିଭାଗୀୟ ଅଧିକାରୀ ନାମ ନ ଦେଇ କହିଛନ୍ତି, ତାଗିଦ କରିବା ସତ୍ତ୍ୱେ ମଧ୍ୟ ଠିକା ସଂସ୍ଥା ବେପରୁଆ ମନୋଭାବ ପୋଷଣ କରୁଛି।

## କାନପୁର ଡ୍ୟାମ୍ କାର୍ଯ୍ୟ ତଦାରଖ କଲା ପବ୍ଲିକ୍ ଆକାଉଣ୍ଟସ କମିଟି

ଯୋଡ଼ା,୨୬।୨(ମାନସ ମହାନ୍ତି)


କମିଟି ସଦସ୍ୟ ପ୍ରକଳ୍ପ ସମ୍ପର୍କରେ ପଚାରି ବୁଝୁଛନ୍ତି।

ଓଡ଼ିଶାର ଦ୍ୱିତୀୟ ନଦୀବନ୍ଧ ଯୋଜନା କାନପୁର ପ୍ରକଳ୍ପର ଶେଷ ପର୍ଯ୍ୟାୟ ନିର୍ମାଣ କାର୍ଯ୍ୟ ଚାଲିଛି। ଡ୍ୟାମ ଓ ସ୍ପିଲ ୱେ ନିର୍ମାଣ କାର୍ଯ୍ୟର ଅଗ୍ରଗତିର ତଦାରଖ ପାଇଁ ସୋମବାର ରାଜ୍ୟ ବିଧାନସଭା ପବ୍ଲିକ ଆକାଉଣ୍ଟସ କମିଟି ଡ୍ୟାମ ଓ ସ୍ପିଲ ୱେ ନିର୍ମାଣ କାର୍ଯ୍ୟର ଅଗ୍ରଗତିର ତଦାରଖ କରିଥିଲେ। କମିଟିର ଅଧ୍ୟକ୍ଷ ମୋହନ ଚରଣ ମାଝିଙ୍କ ନେତୃତ୍ୱରେ ବିଧାୟକ ନାଉରୀ ନାଏକ, ବିଧାୟକ ସୁକାନ୍ତ କୁମାର ନାୟକ ବାସୁଦେବପୁରସ୍ଥିତ କାନପୁର ଡ୍ୟାମ ପ୍ରକଳ୍ପର ପରିଦର୍ଶନ କରିଥିଲେ। ସ୍ପିଲ ୱେରେ ୧୨ଟି ଗେଟ୍ ନିର୍ମାଣ କରାଯାଇଥିବା ବେଳେ ଏହା ବର୍ତ୍ତମାନ ସୁଦ୍ଧା ଲଗା ଯାଇ ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଏ ନେଇ ପ୍ରକଳ୍ପ ଏସ୍‌ଡିଓ ପୂର୍ଣ୍ଣସାଗର ଅଧିକାରୀ, ଏସ୍‌ଡିଓ ଅଜୟ ନାଏକଙ୍କୁ ୨୦୦୭ର ପୁରୁଣା ମଡେଲ ଗେଟ ନିର୍ମାଣ ଚାଲିଥିବା ସୂଚନା ଦେଇଥିଲେ। ଗେଟ୍‌ର ନୂଆ ମଡେଲ କାହିଁକି କରାଯାଉ ନାହିଁ ବୋଲି ଟିମ୍ ସଦସ୍ୟ ସୁକାନ୍ତ ନାୟକ ପ୍ରଶ୍ନ କରିଥିଲେ। ଏହାର ସ୍ପଷ୍ଟ ଉତ୍ତର ଉପସ୍ଥିତ ଯନ୍ତ୍ରୀ ଏବଂ ଏସଡିଓମାନେ ଦେଇପାରି ନ ଥିଲେ। ବିସ୍ଥାପିତଙ୍କ ଥଇଥାନ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ପାଇ ପାରି ନ ଥିଲେ। ସୂଚନାଯୋଗ୍ୟ, ୫ ଦଶନ୍ଧି ଧରି ପ୍ରକଳ୍ପ କାର୍ଯ୍ୟ ଚାଲିଥିବା ବେଳେ ଅଟକଳ ବ୍ୟୟ ୪୨୭କୋଟି ଟଙ୍କାରୁ ଟପି ୨୪ଶହ କୋଟି ଟଙ୍କାରୁ ଅଧିକ ବ୍ୟୟ ହେଲାଣି। ଗତ ଜୁଲାଇ ମାସରୁ କେନାଲ ଗୁଡ଼ିକରେ ପାଣି ଛଡ଼ା ଯିବ ବୋଲି ପ୍ରକଳ୍ପ ପକ୍ଷରୁ କୁହାଯାଇଥିଲା। ପ୍ରକଳ୍ପ ନିର୍ଦ୍ଦେଶକ ପ୍ରସନ୍ନ ପାଣି କହିଛନ୍ତି, ୩୪ ଶହ ୬୦ ମିଟର ଲମ୍ବ ଉକ୍ତ ଡ୍ୟାମ୍ ଜୁନ୍ ୨୦୨୪ ସୁଦ୍ଧା କାର୍ଯ୍ୟକ୍ଷମ ହେବ।

## ବଡ଼ବିଲରେ ରେଳ ଅଣ୍ଡରପାସ୍ ଉତ୍ସର୍ଗୀକୃତ

ବଡ଼ବିଲ,୨୬।୨(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ଚଟେଇ ହଟିଂସ୍ଥିତ ଦୀର୍ଘ ଦିନରୁ ନିର୍ମିତ ରେଳ ଅଣ୍ଡରପାସକୁ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଉତ୍ସର୍ଗୀକୃତ କରିଛନ୍ତି। ସୂଚନା ଅନୁଯାୟୀ, ଅମୃତ ଷ୍ଟେଶନ ଯୋଜନା ଅନ୍ତର୍ଗତ ୫୫୪ ରେଳଷ୍ଟେଶନର ପୁନଃ ବିକାଶ, ୧୫୦୦ ରୋଡ ଓଭରବ୍ରିଜ ଓ ଅଣ୍ଡରପାସର ଶିଳାନ୍ୟାସ, ଉଦଘାଟନ ଓ ଉତ୍ସର୍ଗୀକରଣ ଅବସରରେ ବଡବିଲ ଚଟେଇ ହଟିଂସ୍ଥିତ ରେଳ ଅଣ୍ଡରପାସ ଜନସାଧାରଣଙ୍କ ନିମନ୍ତେ ମୋଦୀ ଉତ୍ସର୍ଗ କରିଛନ୍ତି। ଏହି ଅବସରରେ ଭିଡିଓ କନଫରେନ୍ସିଂରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟପାଳ ରଘୁବର ଦାସ, କେନ୍ଦ୍ରୀୟ ରେଳ, ଯୋଗାଯୋଗ, ଇଲେକ୍ଟ୍ରୋନିକ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟାମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ରମନ୍ତ୍ରୀ ରାଓସାହେବ ପାଟିଲ ଦନଭେ, କେନ୍ଦ୍ରମନ୍ତ୍ରୀ ଦର୍ଶନା ବିକ୍ରମ ଜରଦୋଶ ପ୍ରମୁଖ ଆଭାଷୀ ମାଧ୍ୟମରେ ଯୋଗଦେଇଥିଲା ବେଳେ ବଡ଼ବିଲରେ ପଦ୍ମଶ୍ରୀ ଡ. ତୁଳସୀ ମୁଣ୍ଡା, ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, ବଡବିଲ ପୌରାଧ୍ୟକ୍ଷ ଲକ୍ଷ୍ମଣ ମହାନ୍ତ, ଭାଜପା ନେତା ମୁରଲୀ ମନୋହର ଶର୍ମା ପ୍ରମୁଖ ଯୋଗଦେଇଥିଲେ।

**ଭଦ୍ରକ**

## ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ଆବଶ୍ୟକ

ବାସୁଦେବପୁର, ୨୬।୨ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ସହରସ୍ଥିତ ରାମକୃଷ୍ଣ ବିଦ୍ୟା ନିକେତନର ବାର୍ଷିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କୁଳପତି ପ୍ରଫେସର କୁମରବର ଦାଶ ଯୋଗଦେଇ ସଭାକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶ ହେବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ସୂର୍ଯ୍ୟମଣୀ ଶତପଥି ଯୋଗ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ବେହେରା ସଭାପତିତ୍ୱ କରିଥିଲେ। ପ୍ରଧାନଆଚାର୍ଯ୍ୟ ଧୀରେନ୍ଦ୍ର ବାରିକ୍ ସ୍ୱାଗତ ବକ୍ତବ୍ୟ ପ୍ରଦାନ ସହ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ତପନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଲୋକାର୍ପଣ ହେଲା ଆମ ହସ୍ପିଟାଲ

ଧାମନଗର, (ଦେବେନ୍ଦ୍ର ଆନ୍ଦିଆ/ସନ୍ତୋଷ କୁମାର ମହାପାତ୍ର)/ଚାନ୍ଦବାଲି, (କିଷାନ ପାତ୍ର),୨୬।୨


ଚାନ୍ଦବାଲିରେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଆମ ହସ୍ପିଟାଲ ଯୋଜନାରେ ରୂପାନ୍ତରୀକରଣ କରାଯାଇଥିବା ଭଦ୍ରକ ଜିଲାର ଧାମନଗର, ବାସୁଦେବପୁର, ଚାନ୍ଦବାଲି ଓ ଭଣ୍ଡାରିପୋଖରୀ ୪ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୋମବାର ଭର୍ଚ୍ଚୁଆଲରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ଧାମନଗରଠାରେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବରେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀଙ୍କ ଓଡ଼ିଶାର ସ୍ୱାସ୍ଥ୍ୟସେବା ଜନସାଧାରଣଙ୍କୁ ସଞ୍ଜିବନୀ ଯୋଗାଇଛି ବୋଲି କହିଥିଲେ। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ ଦତ୍ତ, ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ଜିଲା ଚିକିତ୍ସାଧିକାରୀ ସନ୍ତୋଷ କୁମାର ପାତ୍ର, ସ୍ୱାସ୍ଥ୍ୟ ବିଭାଗ ଜିଲା ପ୍ରଶାସନିକ ଅଧିକାରୀ ରାମଦାସ ଟୁଡୁ, ଆମ ଓଡ଼ିଶା ନବୀନ ଓଡ଼ିଶାର ଜିଲା ସଂଯୋଜକ ଡା. ସଞ୍ଜୟ କୁମାର ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଚାନ୍ଦବାଲିରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ଡ. ବ୍ୟୋମକେଶ ରାୟ, ବିଡିଓ ଅସିତ କୁମାର ମହାନ୍ତି, ମେଡିକାଲ ଅଧିକାରୀ ଅଶୋକ ମିଶ୍ରଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଓ ଲୋକପ୍ରତିନିଧିମାନେ ଯୋଗ ଦେଇଥିଲେ। ଜିଲା ପରିଷଦ ରଞ୍ଜନ ସାହୁ, ପ୍ରିନ୍ସ ରାକେଶ ନାୟକ, ଶାନ୍ତିଲତା ସେଠୀ, ମୀନତି ସୂତାର, ଖଗେଶ୍ୱର ବଳ, ଦ୍ୱିଜବର ରାଉତ, ଅସିତ୍ କୁମାର ମହାନ୍ତି, ଉପାଧ୍ୟକ୍ଷ ସରୋଜ ବଳ, ଅଶୋକ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଗଣିତ ପରୀକ୍ଷା ଦେଲେନି ୪୧୮ ପରୀକ୍ଷାର୍ଥୀ

ଭଦ୍ରକ,୨୬।୨(ସନାତନ ରାଉତ)

ମାଟ୍ରିକ ପରୀକ୍ଷାର ତୃତୀୟ ଦିନ ସୋମବାର ଗଣିତ ପରୀକ୍ଷା ଥିଲା। ଭଦ୍ରକ ଜିଲାରେ ମୋଟ ୪୧୮ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ଜିଲାରେ ଚଳିତବର୍ଷ ପରୀକ୍ଷାରେ ୨୧,୬୫୬ ପରୀକ୍ଷାର୍ଥୀ ଥିବାବେଳେ ସେମାନଙ୍କ ମଧ୍ୟରୁ ୨୧,୨୩୮ ଜଣ ପରୀକ୍ଷା ଦେଇଥିବା ଜିଲା ଶିକ୍ଷାଧିକାରୀ ଅକ୍ରୁର ବାରିକ୍ ସୂଚନା ଦେଇଛନ୍ତି। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ୧୩୬ ପିଲାଙ୍କ ମଧ୍ୟରୁ ୬୩ ଏବଂ ମଧ୍ୟମାରେ ୨୯୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୭ଜଣ ଅନୁପସ୍ଥିତ ଥିଲେ। ଜିଲାରେ ୧୧୪ ସେଣ୍ଟରରେ ମୋଟ ୩୧୮ ହାଇସ୍କୁଲର ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି।

## କୁଣ୍ଡିକାଳୀ ପୀଠରେ ସାଂସ୍କୃତିକ ମହୋତ୍ସବ

ଭଦ୍ରକ, ୨୬।୨ (ରବିନାରାୟଣ ଖିଲାର)

ଭଦ୍ରକ ବ୍ଲକର ମାଳିଅରୁଆସ୍ଥିତ କୁଣ୍ଡିକାଳୀ ପୀଠରେ ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ମୁଖ୍ୟବକ୍ତା ଡିଆଇବି ଡିଏସ୍‌ପି ପ୍ରଭାତ ବିଶ୍ୱାଳ, ବିଶିଷ୍ଟ ଅତିଥି ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ଏବଂ ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷୟିତ୍ରୀ ଜାନକୀ ପାଢ଼ୀ, ଶିକ୍ଷକ ଲକ୍ଷ୍ମୀକାନ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ମନୋରମା ରାୟ ସଭାପତିତ୍ୱ କରିଥିବା ବେଳେ କୁଣ୍ଡିକାଳୀ ସରସ୍ୱତୀ ପୂଜା କମିଟିର ସଭାପତି ଶିବପ୍ରସାଦ ମଲିକ ଓ ଖବରଦାତା ଅକ୍ଷୟ କୁମାର ନାୟକ ସଂଯୋଜନା କରିଥିଲେ। ରତ୍ନାକର ସେଠୀ, ମାନସ ପ୍ରଧାନ, ଶ୍ରୀକାନ୍ତ ରାଉତ, ରାଜେଶ ରାଉତ, ସନ୍ତୋଷ ସ୍ୱାଇଁ, ଆଲୋକ ସ୍ୱାଇଁ, ଗଦାଧର ବାରିକ, ମନୋଜ ମାହୁନ୍ତ, ରଘୁନାଥ ସେଠୀ ପ୍ରମୁଖ କର୍ମକର୍ତ୍ତା ପରିଚାଳନା କରିଥିଲେ। ଶିବାଶିଷ ବହଳି ଧନ୍ୟବାଦ ଦେଇଥିଲେ।

## କେନ୍ଦୁଆପଦା ରେଳ ଓଭରବ୍ରିଜ୍‌ର ଭିତ୍ତିପ୍ରସ୍ତର

ବନ୍ତ,୨୬।୨ (ହରିନାରାୟଣ ମହାନ୍ତି)


ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ସହ ଲୋକପ୍ରତିନିଧି, ଭାଜପା ଓ ବିଜେଡି ନେତା।

ଭଦ୍ରକ ଜିଲା ବନ୍ତ-ବାରିକପୁର ରାସ୍ତାର କେନ୍ଦୁଆପଦାଠାରେ ସୋମବାର ରେଳ ଓଭରବ୍ରିଜ୍‌ର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୭୨ କୋଟି ୨ ଲକ୍ଷ ୯୪ ହଜାର ୪୦୨ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପ ୧୮ ମାସ ମଧ୍ୟରେ କାର୍ଯ୍ୟ ଶେଷ ହେବ ବୋଲି ଜଣାଯାଇଛି। ରେଳ ବିଭାଗ ପକ୍ଷରୁ ଆୟୋଜିତ ଓ ଟିଟିଆଇ ମହେଶ୍ୱର ପତିଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ମୁକ୍ତକାନ୍ତ ମଣ୍ଡଳ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଉପାଧ୍ୟକ୍ଷା ପ୍ରଗତିବାଳା ସ୍ୱାଇଁ, ସରପଞ୍ଚ ଇଂ.ପ୍ରମୋଦ ଜେନା, ଯାତ୍ରୀ ସୁରକ୍ଷା ସମିତିର ସଭ୍ୟ ପଞ୍ଚାନନ ରାଉତ, ନାଗରିକ ସୁରକ୍ଷା ମଞ୍ଚର ସଭାପତି ଶ୍ରୀବତ୍ସ କରଶର୍ମା, ବିଡିଓ ପ୍ରଦୀପ କୁମାର ସେଠୀ, ଆଶ୍ରୟାନନ୍ଦ ମହାରାଜ, ଭାଜପା ନେତା ବଦ୍ରି ନାରାୟଣ ଧଳ, ସୁଧାଂଶୁ ନାୟକ, ପୂର୍ବତନ ଜିଲା ସଭାପତି ଅକ୍ଷୟ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ରବୀନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ କେନ୍ଦୁଆପଦା ହାଇସ୍କୁଲର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ ସହ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଓ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ଯାଜପୁରରୋଡ୍ ରେଳୱେର ଏଇଏମ୍ ନିଗମାନନ୍ଦ ସାହୁଙ୍କ ସମେତ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ। ରାଣୀତାଲଠାରେ ରେଳୱେ ଓଭରବ୍ରିଜରଭିତ୍ତିପ୍ରସ୍ତରସ୍ଥାପନକରାଯାଇଛି।

# ଗ୍ରାମାଞ୍ଚଳର ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ

ତିହିଡ଼ି,୨୬।୨(ସଞ୍ଜିତ ବଳ)



ମିଶନ ଶକ୍ତି କାଫେ ଉଦ୍‌ଘାଟନ ଅବସରରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ଅନ୍ୟମାନେ।

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଭାଟପଡ଼ା ପଞ୍ଚାୟତର ମିର୍ଜାପୁର ଗ୍ରାମରେ ୪ ପ୍ରକଳ୍ପ ଓ ବ୍ଲକ କାର୍ଯ୍ୟାଳୟ ପରିସରରେ ୨ପ୍ରକଳ୍ପ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମିର୍ଜାପୁରରେ ଉମାମଣି ୟୁଜିୟୁପି ସ୍କୁଲ ରୂପାନ୍ତରୀକରଣ, ବିଶ୍ୱଜନନୀ ପାଠାଗାର, ଐତିହାସିକ ବାରୁଣୀ ପୋଖରୀ ଓ ବିଜୟଶ୍ରୀ କଲ୍ୟାଣ ମଣ୍ଡପ ପ୍ରକଳ୍ପକୁ ମୁଖ୍ୟଅତିଥି ଭାବେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଉଦ୍‌ଘାଟନ କରିଛନ୍ତି। ବ୍ଲକ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି କାଫେ ଏବଂ ମିଶନ ଶକ୍ତି ଭବନକୁ ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଉଦ୍‌ଘାଟନ କରିଛନ୍ତି। ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ବିଡିଓ ଜ୍ୟୋତିର୍ମୟ କର, ଜିଲା ପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, ଚାନ୍ଦବାଲି ବିଧାୟକଙ୍କ ପ୍ରତିନିଧି ମାନସ ରଞ୍ଜନ ସାହୁ, ସହକାରୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, ସିଡିପିଓ ସଙ୍ଗୀତା ସିଂ, ମିଶନ ଶକ୍ତି ବ୍ଲକ ସଂଯୋଜକ ଶ୍ରୀକାନ୍ତ ଜେନା, ବିଜେଡି ଜିଲା ସାଧାରଣ ସମ୍ପାଦକ ଚିନ୍ତାମଣି ଦାସ, ପ୍ରଦୀପ ପଣ୍ଡା, ମହିଳା ମହାସଂଘ ସଭାନେତ୍ରୀ ବାସନ୍ତୀଲତା ରାଉତ, ସମ୍ପାଦିକା କଲ୍ୟାଣୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ମିର୍ଜାପୁର ବାରୁଣୀ ପଡ଼ିଆରେ ବିଧାୟକଙ୍କ ପ୍ରତିନିଧି ବାପୁଜୀ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବିଧାୟକ ରାଉତରାୟ ଯୋଗଦେଇ ଗ୍ରାମାଞ୍ଚଳର ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱାରୋପ ଥିଲେ।

### ୬ ପ୍ରକଳ୍ପ ଉଦ୍‌ଘାଟିତ

ବରେଣ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଦାସ, ଉପାଧ୍ୟକ୍ଷା ସୁଭଦ୍ରା ଶତପଥୀ, ଜିଲା ପରିଷଦ ସଭ୍ୟା ସୁମତୀ ସେଠୀ, ବିଜେଡି ବ୍ଲକ ସଭାପତି ରଘୁନାଥ ପଣ୍ଡା, ମହିଳା ସଭାନେତ୍ରୀ କଳ୍ପନା ନାୟକ, ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା, ତାପସ ବେହେରା, ଲକ୍ଷ୍ମୀପ୍ରିୟା ସାମଲ, କୈଳାସ ପରିଡ଼ା, ଶିକ୍ଷାବିତ୍ ସୁରେନ୍ଦ୍ର ନାୟକ, ଜିଲା ସାଧାରଣ ସମ୍ପାଦକ କମଳାକାନ୍ତ ଲେଙ୍କା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ସରସ୍ୱତୀ ଜେନା, ସାମାଜିକ କର୍ମୀ ବିଷ୍ଣୁ ଦାସଙ୍କ ସମେତ ଏମ୍‌ବିକେ ଓ ସିଆର୍‌ପିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ପି. ହୃଷୀକେଶ ଧନ୍ୟବାଦ ଦେଇଥିଲେ।

